## ସଂକ୍ଷେପରେ

### ଗାୟତ୍ରୀ ମନ୍ଦିର କଲ୍ୟାଣ ମଣ୍ଡପରେ ନିଆଁ

ତେନ୍ତୁଳିଖୁଣ୍ଟି, ୧୨।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଗାୟତ୍ରୀ ମନ୍ଦିର କଲ୍ୟାଣ ମଣ୍ଡପରେ ରବିବାର ମଧ୍ୟାହ୍ନରେ ନିଆଁ ଲାଗି ଅନେକ ସାମଗ୍ରୀ ପୋଡ଼ିଯାଇଛି। ସବୁ ରବିବାର ଭଳି ଆଜି ମନ୍ଦିରରେ ଗାୟତ୍ରୀ ଯଜ୍ଞ ପରେ ଶ୍ରଦ୍ଧାଳୁମାନେ ମଧ୍ୟାହ୍ନ ୧୨ଟା ପରେ ଘରକୁ ଚାଲିଯାଇଥିଲେ। ସାଢେ ୧୨ଟା ବେଳକୁ ପାଖ ଦୋକାନକୁ ଯାଉଥିବା ଜଣେ ବ୍ୟକ୍ତି ମନ୍ଦିର ପରିସରରେ କିଛି କାଚ ଭାଙ୍ଗିବା ଶବ୍ଦ ଶୁଣି ଏବଂ ଧୂଆଁ ଦେଖି ନିକଟସ୍ଥ ଦୋକାନୀଙ୍କୁ ମନ୍ଦିରରେ ନିଆଁ ଲାଗିଛି ବୋଲି କହିଥିଲେ। ମନ୍ଦିର ଦାୟିତ୍ୱରେ ଥିବା ଆଶାଲତା ଲେଙ୍କାଙ୍କଠାରୁ ମୁଖ୍ୟ ଗେଟ୍ ଚାବି ଆଣି ଖୋଲି ଦେଖିବା ବେଳକୁ ନିଆଁରେ ମନ୍ଦିର ପରିସର ଅନ୍ଧାର ଦେଖାଯାଉଥିଲା। ବିଦ୍ୟୁତ୍‌ବିଭାଗକୁ ଖବର ଦେଇ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପରେ ସ୍ଥାନୀୟ ଲୋକେ ମନ୍ଦିରରେ ଥିବା ପାଣି ଢାଳି ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ସୂଚନା ପାଇ ଦମକଳ ବାହିନୀ ଅପରାହ୍ନ ୨ଟାରେ ଆସି ସମ୍ପୂର୍ଣ୍ଣ ନିଆଁ ଲିଭାଇଥିଲେ। ମନ୍ଦିର ପରିସରରେ ଯଜ୍ଞ ଓ ରୋଷେଇ ପାଇଁ ରଖାଯାଇଥିବା ଗୋଟିଏ ଟ୍ରାକ୍ଟର କାଠ ଗଣ୍ଡି ପୋଡ଼ି ନଷ୍ଟ ହୋଇଯାଇଛି। ଏଥିସହ କଲ୍ୟାଣ ମଣ୍ଡପ ର ସମସ୍ତ ବିଦ୍ୟୁତ୍ ସରଞ୍ଜାମ ସହ ଅନ୍ୟ ସାମଗ୍ରୀ ପୋଡିଯାଇଛି। ପାଖ ଦୋକାନର ଦୁଇଟି ଏସି ଓ ଫ୍ୟାନ ଆଦି ପୋଡ଼ିଯାଇଥିବା ଜଣାପଡ଼ିଛି।

### ପକ୍ସୋ ଅଭିଯୁକ୍ତଙ୍କୁ ଗିରଫ ବେଳେ ପରିବାର,ପୋଲିସ ଧସ୍ତାଧସ୍ତି

ନନ୍ଦପୁର, ୧୨।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ପୋଲିସ ଜଣେ ପକ୍ସୋ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତଙ୍କ ପରିବାର ଲୋକ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଛି। ଥାନା ଏସଆଇ ସୁରେନ୍ଦ୍ର ସେଠୀ ଓ ଏଏସଆଇ ମାଡକାମିଙ୍କୁ ପରିବାର ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ପାଡୁଆ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ ସୁଦ୍ଧା ପକ୍ସୋ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ସୂଚନାନୁଯାୟୀ, ତା.୧୫।୩।୨୦୨୬ରେ ଜଣେ ନବମ ଶ୍ରେଣୀ ନାବାଳିକାଙ୍କୁ ୬ ମାସର ଗର୍ଭବତୀ କରିବା, ନାବାଳିକା ଚାପରେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚେଷ୍ଟା ସହ ଗର୍ଭନଷ୍ଟ ହେବା ମାମଲା ପାଡୁଆ ଥାନାରେ ରୁଜୁ ହୋଇଥିଲା। ପାଡୁଆ ପୋଲିସ ଥାନାରେ ନଂ ୩୭/୨୦୨୬ରେ ମାମଲା ରୁଜୁ ହୋଇଥିଲା। ନାବାଳକ ଛାତ୍ରଙ୍କ ସନ୍ଧାନ କରୁଥିଲା। ରବିବାର ବାଡେଲ ଖମରା ଗ୍ରାମ ମଧ୍ୟରେ ଥିବା ଏକ କାଜୁ ବାଡ଼ରେ ଦୁଇପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲା। ଖବର ପାଇ ସାଧା ପୋଷାକରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆଲୋଚନା ସ୍ଥଳରେ ପହଞ୍ଚିଥିଲା। ବୁଦ୍ଧିଜୀବୀମାନେ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରୁଥିବା ବେଳେ ପରିବାର ଉତକ୍ଷିପ୍ତ ହୋଇ ଏସଆଇ ସୁରେନ୍ଦ୍ର ସେଠୀ ଓ ଏଏସଆଇ ମାଡକାମିଙ୍କୁ ଠେଲାଠେଲି କରି ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ। ୨ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଅଭିଯୁକ୍ତର ସନ୍ଧାନ କରୁଥିବା ଥାନାଧିକାରୀ ଅଶୋକ ବିଶୋଇ ସୂଚନା ଦେଇଛନ୍ତି। ଏ ନେଇ ବାଡେଲ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଲୋକାର୍ପଣ କଲେ ମନ୍ତ୍ରୀ

### ବିର୍ସା ମୁଣ୍ଡା ପାର୍କ ଉଦ୍‌ଘାଟିତ

ଉମରକୋଟ, ୧୨।୪(ସନ୍ତୋଷ ଶତପଥୀ)

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରବିବାର ଉମରକୋଟ ସହରରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ମନ୍ତ୍ରୀ ନୂଆ ବସଷ୍ଟାଣ୍ଡଠାରେ ୧୬ ଲକ୍ଷ ୯୨ ହଜାର ଟଙ୍କାରେ ନିର୍ମିତ ଆକାଂକ୍ଷା

ଶୌଚାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଜଗନ୍ନାଥ ମନ୍ଦିରଠାରେ ୧୫ ଲକ୍ଷ ଟଙ୍କାରେ ଭୋଗ ମଣ୍ଡପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପେଣ୍ଠରାଣୀ ମନ୍ଦିରଠାରେ ୪୨ ଲକ୍ଷ ଟଙ୍କାରେ ମିଆମିକ ସହରାଞ୍ଚଳ ଫରେଷ୍ଟ ପାର୍କ, ଏଠାରେ ୧୦ ଲକ୍ଷ ଟଙ୍କାରେ କମ୍ୟୁନିଟି ଗୃହ ଓ ୧୯ ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଉମରକୋଟ ଉପଖଣ୍ଡ ହସ୍ପିଟାଲ ସମ୍ମୁଖରେ ବିର୍ସାମୁଣ୍ଡାଙ୍କ ନାମରେ ନାମିତ ଏକ ପାର୍କର ଉଦଘାଟନ କରି ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ରାଜ୍ୟ ଭାଜପା ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, କାଉନସିଲର ତପନ ଦେବନାଥ, ଚିତ୍ତ ରଞ୍ଜନ ପାତ୍ର, ମନୋଜ ନାୟକ, କନକଲତା ନାୟକ, ଭାଜପା ନେତ୍ରୀ ମନ୍ଦିରା ନାୟକ, ସରକାରୀ ଓକିଲ ଶିବ ଶଙ୍କର ପତି , ସନ୍ତୋଷ ସରକାର, ପୌର ନିର୍ବାହୀ ଅଧିକାରୀ ଆଲୋକ ଅନୁଗଳିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଗୁଡାରି ଡେପୁଟି ଭାରପ୍ରାପ୍ତ ରେଞ୍ଜର

- ୨ ଲକ୍ଷ ୩୩ ହଜାର ବେଆଇନ ଟଙ୍କା ଜବତ
- ଗୁଡାରିରୁ ଟଙ୍କା ନେଇ ଯାଉଥିଲେ ନବରଙ୍ଗପୁର

ନବରଙ୍ଗପୁର/ଗୁଡାରି, ୧୨।୪
(ସଦାଶିବ ପ୍ରହରାଜ/ପ୍ରମୋଦ କୁମାର ପତି)

ଗାଡିରେ ଟଙ୍କା ନେଇ ଯାଉଥିବା ବେଳେ ରାୟଗଡ଼ା ଜିଲା ଗୁଡାରି ଡେପୁଟି ରେଞ୍ଜର (ଭାରପ୍ରାପ୍ତ ରେଞ୍ଜର) ସୁକୁମାର ଦୁଃଖୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ଟଙ୍କା ଧରି ନିଜ ଘର ନବରଙ୍ଗପୁର ଆସୁଥିବା ବେଳେ ଏନେଇ ସୂଚନା ପାଇ କୋରାପୁଟ ନବରଙ୍ଗପୁର ଜିଲା ସୀମାନ୍ତ ଇନ୍ଦ୍ରାବତୀ ପୋଲ ନିକଟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରି ତାଙ୍କୁ ଧରିଛି। ତାଙ୍କଠାରୁ ୨ ଲକ୍ଷ ୩୩ ଟଙ୍କା ହଜାର ମିଳିଛି। ରବିବାର ଅଫିସ ଗାଡ଼ି (ଓଡ଼ି୧୮କେ-୭୦୪୧)ରେ ଦୁଃଖୁ ଡ୍ରାଇଭର ନିରଞ୍ଜନ ବେହେରାଙ୍କ ସହିତ ଗୁଡ଼ାରିରୁ ନବରଙ୍ଗପୁର ଆସୁଥିଲେ । ବାଟରେ ବୋରିଗୁମ୍ମାଠରେ ଅଟକି ଆମ୍ବ କିଣିଥିଲେ। ପରେ ସେ ଯାଉଥିବା ବେଳେ ନବରଙ୍ଗପୁର ଉପକଣ୍ଠ ଇନ୍ଦ୍ରାବତୀ ପୋଲ ନିକଟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରି ଟଙ୍କା ଜବତ କରିଥିଲେ । ଏହି ଟଙ୍କା ସମ୍ପର୍କରେ ଭାରପ୍ରାପ୍ତ ଡେପୁଟି ରେଞ୍ଜର ଦୁଃଖୁଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଭିଜିଲାନ୍ସ ଟିମ୍ ନବରଙ୍ଗପୁର ସେନାପତି ସାହିସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉରେ ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ପ୍ରମିଳା ସୁନା, ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ, ଜୟପୁର ଭିଜିଲାନ୍ସ ଏଏସ୍‌ଆଇ ସନ୍ତୋଷ ପାଣିଗ୍ରାହୀ, ଗଗନ ପଣ୍ଡାଙ୍କ ସହ ଅନ୍ୟମାନେ ସାମିଲ ଥିଲେ।



ସୁକୁମାର ଦୁଃଖୁ

# ଟ୍ରାକ୍ଟର ମାଲିକ ସଂଘ ଗଠନ, କର୍ମକର୍ତ୍ତା ନିର୍ବାଚନ

ନନ୍ଦାହାଣ୍ଡି, ୧୨।୪ (ପ୍ରତୀପ କୁମାର ଦାଶ)

ନନ୍ଦାହାଣ୍ଡି ବ୍ଲକ ସ୍ତରରେ ଟ୍ରାକ୍ଟର ମାଲିକମାନଙ୍କୁ ନେଇ ରବିବାର ଦହଣା ପଞ୍ଚାୟତ ଅନ୍ତର୍ଗତ ପଖନାଗୁଡାଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଟ୍ରାକ୍ଟର ମାଲିକ ସଂଘ ଗଠନ କରାଯାଇଛି । ପରେ ସର୍ବ ସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଛି। ବ୍ଲକର ଜୋନ-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କୁ ସଂଘ ସଭାପତି ରୂପେ ଚୟନ କରାଯାଇଛି। ଉପସଭାପତି ଭାବେ ଶରତ ନିଗି, ସମ୍ପାଦକ ରୂପେ ଈଶ୍ୱର ଗୌଡ଼, କୋଷାଧ୍ୟକ୍ଷ ରପେ ବୁଲୁ ଗାଦବା, ଆଇନ ପରାମର୍ଶଦାତ୍ରୀ ଭାବେ ଆଇନଜୀବୀ ଶର୍ମିଷ୍ଠା ରଥଙ୍କୁ ଚୟନ କରାଯାଇଛି । ସ୍ୱତନ୍ତ୍ର ସଦସ୍ୟ ଭାବେ ଜ୍ୟୋତିର୍ମୟ ତ୍ରିପାଠୀ, ଶ୍ରୀକାନ୍ତ ପଣ୍ଡା, ଆଲୋକ ରଞ୍ଜନ ଦାସ, ସୁଧୀର ବିଷୋୟୀ ଓ ପରେଶ ଚନ୍ଦ୍ର ଦାସ ମନୋନୀତ ହୋଇଛନ୍ତି । ବ୍ଲକରେ ୩୭୦ ଜଣ ଟ୍ରାକ୍ଟର ମାଲିକ ରହିଛନ୍ତି। ମାଲିକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି । ଆଗାମୀ ଦିନରେ ବ୍ଲକର ସମସ୍ତ ଟ୍ରାକ୍ଟର ମାଲିକମାନଙ୍କୁ ସଂଘରେ ସାମିଲ କରି ଚାଷୀ ଓ ମାଲିକମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।



ନବ ନିର୍ବାଚିତ ଟ୍ରାକ୍ଟର ମାଲିକ ସଂଘର ସଦସ୍ୟମାନେ ।

### ସ୍କୁଟିରୁ ଖସି ଗ୍ରାମରକ୍ଷୀ ମୃତ

ଦିଗପହଣ୍ଡି, ୧୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗାଁର ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ରଙ୍କ ନାଇକ(୭୦)ଙ୍କ ରବିବାର ସ୍କୁଟିରୁ ଖସି ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୮ଟାରେ ରଙ୍କ ତାଙ୍କ ସମ୍ପର୍କୀୟଙ୍କ ସ୍କୁଟି ପଛରେ ବସି କୌଣସି କାମରେ ଯାଉଥିଲେ। ଗାଁ ପୋଖରୀ ସମ୍ମୁଖ ରାସ୍ତାରେ ସ୍କୁଟି ପଛ ଚକା ପଙ୍କଚର ହୋଇଯିବାରୁ ସ୍କୁଟିଚାଳକ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ। ରଙ୍କ ଗାଡିରୁ ଖସିପଡି ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଚେତା ନ ଫେରିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଙ୍କଙ୍କ ମୃତ୍ୟୁ ଘଟିଛି। ଏନେଇ ଏତଲା ହେବାପରେ ପୋଲିସ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରଙ୍କ ଗ୍ରାମରକ୍ଷୀ ଭାବେ କାର୍ଯ୍ୟକରୁଥିଲେ ମଧ୍ୟ ଗାଁର ବିଭିନ୍ନ ସମସ୍ୟା, ଯାନି ଯାତ୍ରାରେ ତାଙ୍କୁ ଲୋଡା ଯାଉଥିଲା।

# ଗୃହକର୍ତ୍ତାଙ୍କୁ ପିଟି ଲହୁଲୁହାଣ କରି ଲୁଟିନେଲେ ଟଙ୍କା, ସୁନା

ଉମରକୋଟ ୧୨।୪
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୮ର ଜମାଇ କଲୋନୀସ୍ଥିତ ତାରକ ହାଲଦାରଙ୍କ ଘରେ ଶନିବାର ମଧ୍ୟ ରାତ୍ରିରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ୫ଜଣ ଲଟେରା ମୁହଁରେ କଳା କପଡା ବାନ୍ଧି କବାଟ ଭାଙ୍ଗି ଘରେ ପଶି ତାରକଙ୍କୁ ଫାର୍ଶାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଅବସ୍ଥାରେ ତଳେ ପଡି ରହିଥିଲେ। ତାରକଙ୍କ ଘରୁ ପୁଣି ତାଙ୍କୁ ମାଡ଼ ମାରି କିଛି ଟଙ୍କା, ମୋବାଇଲ, ଫୋନ, ସ୍ତ୍ରୀଙ୍କ ଦୁଇଟି କାନ ଫୁଲ, ସୁନା ଚୁଡ଼ି ଲୁଟ କରି ନେଇଯାଇଥିଲେ। ଏମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ୪ ଜଣ କଥା ହେଉଥିବା ବେଳେ ଜଣେ ହିନ୍ଦୀରେ କଥା ହେଉଥିଲେ। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ମାଡ଼ରେ ଗୁରୁତର ଅବସ୍ଥାରେ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ, ତରକ ଉପଖଣ୍ଡ ଚିକିତ୍ସାଳୟ କଡରେ ଏକ ଠେଲାରେ ହୋଟେଲ କରି ପରିବାର ଚଳାଇ ଆସୁଛନ୍ତି।



ତାରକ ହାଲଦାର

# ବନ୍ଦନୀୟ ବରପୁତ୍ରଙ୍କ ସ୍ମୃତିଚାରଣ, ପ୍ରବନ୍ଧ ପାଠ

### 'ଓଡ଼ିଆ ପକ୍ଷ' ପାଳନ

ନବରଙ୍ଗପୁର,୧୨।୪
(ସଦାଶିବ ପ୍ରହରାଜ)

'ଓଡ଼ିଆ ପକ୍ଷ'ର ଦ୍ୱାଦଶ ଦିବସରେ ନବରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସଂସ୍କୃତି ପରିଷଦ ସଙ୍ଗୀତ ବିଦ୍ୟାଳୟର ଶିକ୍ଷକ ଯୁଗଳ କିଶୋର ତ୍ରିପାଠୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅଧ୍ୟାପିକା ସଙ୍ଗୀତା ତ୍ରିପାଠୀ ଏବଂ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଯୋଗ ଦେଇଥିଲେ। ବରପୁତ୍ରମାନେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ଅଭିହିତ କରିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଲେଖକ କେଦାରେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉତ୍ସବରେ ଜିଲାର ବରପୁତ୍ର ତଥା ସାରସ୍ୱତ ସାଧକ କବି ମଞ୍ଜୁଘୋଷ ତ୍ରିପାଠୀ, ପ୍ରମିଳା ପଟ୍ଟନାୟକ, କବି ତ୍ରିପୁରାରୀ ତ୍ରିପାଠୀ, ରବି ସିଂ ମାଝୀ, ସୋନୁ ମାଝୀ, ଲଳିତ ମୋହନ ପଟ୍ଟନାୟକ ଓ ଭୁବନେଶ୍ୱର ଦଳେଇଙ୍କ ସମ୍ପର୍କରେ ୭ଟି ପ୍ରବନ୍ଧ ପାଠ କରାଯାଇଥିଲା। ୫୪ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ମହାବିଦ୍ୟାଳୟର ଯୁବ ଲେଖକମାନେ ଯୋଗଦେଇ ବରିଷ୍ଠ ସାହିତ୍ୟିକମାନଙ୍କ ସହ ମତ ବିନିମୟ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର, ଏବଂ ଅର୍ଥରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି, ୧୨।୪ (ଅରୁଣ ସାହୁ)

କୋଟଗଡ଼ ବ୍ଲକ୍ ପକାରୀ ନିକଟ ବାଲୁବାଙ୍ଗା ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁଷର ପ୍ରଧାନ (୪୧)। ଏନେଇ ଦାରିଙ୍ଗବାଡ଼ି ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ପୁଷର ପୋଖରୀରେ ବୁଡ଼ିଯାଇଥିବା ଜାଣି ପ୍ରଥମେ ବାଲିଗୁଡ଼ା ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଅଞ୍ଚଳବାସୀ ଜଣାଇଥିଲେ। ତେବେ ଉକ୍ତ ଗ୍ରାମଟି ଦାରିଙ୍ଗବାଡି ଠାରୁ ପ୍ରାୟ ୨୧ କିମି ଦୂରତା ରହିଥିବା ଓ ବାଲିଗୁଡ଼ାରୁ ୪୦କିମି ଦୂରତା ହୋଇଥିବାରୁ ବାଲିଗୁଡା ଅଗ୍ନିଶମ ବିଭାଗ ଦାରିଙ୍ଗବାଡି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା ଦାରିଙ୍ଗବାଡି ଅଗ୍ନିଶମ ବିଭାଗର ଅଧିକାରୀ ସେଠାରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଛି।

# ଜିଲାସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ ଗଠନ



ବୈଠକରେର ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ।

ନବରଙ୍ଗପୁର, ୧୨।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ରବିବାର ଶ୍ରୀଶ୍ରୀ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ଆନୁକୁଲ୍ୟରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରାଯାଇଛି।

ବୈଠକରେ ନବରଙ୍ଗପୁର ଜିଲାର ୧୦ଟି ବ୍ଲକର ୩୨୮ଟି ନାମ ସଂକୀର୍ତ୍ତନ ମଣ୍ଡଳୀର ପ୍ରମୁଖ ଗୁରୁମାନେ ଯୋଗ ଦେଇଥିଲେ। ବୈଠକରେ ଆଲୋଚନା ପରେ ଜିଲାସ୍ତରୀୟ ଏବଂ ସମସ୍ତ ୧୦ଟି ଯାକ ବ୍ଲକରେ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ଅନୁସାରେ ଜିଲା ସଭାପତି ଭାବେ ସମାଜିକ କର୍ମୀ ଅର୍ଜୁନ ଭାତରା, ଉପ ସଭାପତି ଭୀଷ୍ମ ଶବର, ସମ୍ପାଦକ ଅଶୋକ ପାତ୍ର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ମାଳି ଏବଂ ଭବାନୀ ବିଷୋୟୀ , କୋଷାଧ୍ୟକ୍ଷ ଭାବେ ରାମ ମୋହନ ଚୌଧୁରୀ ମନୋନୀତ ହୋଇଥିଲେ। ୧୫ ଜଣିଆ ଉପଦେଷ୍ଟା ମଣ୍ଡଳୀ ମଧ୍ୟ ଗଠନ କରାଯାଇଥିଲା। ନବରଙ୍ଗପୁର ଜିଲାର ପ୍ରତ୍ୟେକ ଗ୍ରାମରେ ନାମ ସଂକୀର୍ତ୍ତନ ଦଳ ଗଠନ ପାଇଁ ଆଲୋଚନା କରାଯାଇଥିଲା। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାମସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟ ଓକିଲ ସଂଘ ଉପ ସଭାପତି ନରସିଂହନାଥ ତ୍ରିପାଠୀ, ଜିଲା ସାଂସ୍କୃତିକ ଅଧିକାରୀ ଘସିଆ ହରିଜନ, ସମାଜକ କର୍ମୀ ସର୍ବେଶ୍ୱର ପାତ୍ର, ନାରାୟଣ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନବରଙ୍ଗପୁର, ୧୨।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ସୃଜନ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର, ଶିକ୍ଷକମଣ୍ଡଳୀ ଓ ଅଭିଭାବକମାନଙ୍କମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନୂତନ ଶିକ୍ଷା ନୀତିର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଛାତ୍ରୀଛାତ୍ରଙ୍କ ସମଗ୍ରିକ ବିକାଶକୁ ଲକ୍ଷ୍ୟ ରଖାଯାଇ ପ୍ରଚଳନ କରାଯାଇଥିବା କହିଥିଲେ। ସମ୍ମାନିତ ଅତିଥି ରୂପେ ସିଆର୍‌ପିଏଫ୍ ୧୨ ବାଟାଲିୟନର କମାଣ୍ଡାଣ୍ଟ ଏନ. କେ. କେ. ପ୍ରସାଦ ଛାତ୍ରୀ ଛାତ୍ରମାନଙ୍କୁ ଚରିତ୍ର ଗଠନ, ନୈତିକତା ଓ ଶିଷ୍ଟାଚାରର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର ଯୋଗଦେଇ କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କର ଦେଶବ୍ୟାପୀ ପ୍ରଭାବ ଉପରେ ଆଲୋକପାତ କରି ଏହି ବିଦ୍ୟାଳୟମାନେ ଦେଶର ଅନେକ ଶିକ୍ଷାନୁଷ୍ଠାନ ପାଇଁ ପ୍ରେରଣା ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ନବରଙ୍ଗପୁର ଏକଲବ୍ୟ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଭାଷିନୀ ସାହୁ, ମୋଡେଲ କଲେଜ ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ପୁଷ୍ପାଞ୍ଜଳି ଗନ୍ତାୟତ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ହିତେଶ ବର୍ମା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସେ ବର୍ଷବ୍ୟାପୀ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ଶିକ୍ଷାମୂଳକ, ସାଂସ୍କୃତିକ ଓ କ୍ରୀଡ଼ା ସମ୍ପର୍କିତ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଏହି ଅବସରରେଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ସୃଜନ ଥିମ ଉପରେ ଆଧାରିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ଛାତ୍ରଛାତ୍ରୀମାନେ ଗୁଜରାଟି, ବଙ୍ଗଳା,ଆସାମୀୟ, ତେଲୁଗୁ, କନ୍ନଡ, ମାଲାୟାଲମ ଓ ଓଡିଶାର ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ସଙ୍ଗୀତ ଶିକ୍ଷିକା ଡାକ୍ତର ଅର୍ପନ ପାଣ୍ଡେଙ୍କ ମାର୍ଗ ଦର୍ଶନରେ ଛାତ୍ର ଛତ୍ରୀଙ୍କ ଦାରା ପ୍ରସ୍ତୁତ ସୁଫି ଫିଜନ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ସମସ୍ତ କାର୍ଯ୍ୟକ୍ରମ ବ୍ରିଜେଶ ସୋରୋଜଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା। ସାଧନାମୟୀ ସେନାପତି ଧନ୍ୟବାଦ ଦେଇଥିଲେ। ପ୍ରଦୀପ ହୋତା, ସାଗରିକା ପାଢ଼ୀ ଓ ଅନିଲ ଶର୍ମା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ହିନ୍ଦୁ ଏକତା ବାହିନୀ ପକ୍ଷରୁ ଗଣ ଦୌଡ଼

ନବରଙ୍ଗପୁର,୧୨।୪
(ସଦାଶିବ ପ୍ରହରାଜ)

ରବିବାର ସକାଳ ୮ଟାରେ ଛାତ୍ରୀଛାତ୍ରଙ୍କୁ ନେଇ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ପକ୍ଷରୁ ରାମମନ୍ଦିର ନିକଟରୁ ଆରସିଡି ହାଇସ୍କୁଲ ପର୍ଯ୍ୟନ୍ତ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୧୪ ତାରିଖ ମଙ୍ଗଳବାର ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହିନ୍ଦୁ ଏକତା ବାହିନୀ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ ହୋଇଛି। ପଣାସଂକ୍ରାନ୍ତି ଦିନ ଶୋଭାଯାତ୍ରା ଅପରାହ୍ନ ୩ଟାରେ ସ୍ଥାନୀୟ ଚାଉଁରିଆଗୁଡାଠାରୁ ଶୋଭାଯାତ୍ରା ବାହାରି ପୋଲିସ ପଡିଆ ପର୍ଯ୍ୟନ୍ତ ଯିବ। ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ରବିବାର ଅନୁଷ୍ଠିତ ଗଣଦୌଡ କାର୍ଯ୍ୟକ୍ରମକୁ ଗୌରୀ ଶଙ୍କର ସାହୁ, ଅନନ୍ତ ପଣ୍ଡା, ନିନିବାବୁ ତ୍ରିପାଠୀ, ସଂଜୟ ସାହୁ ସନ୍ତୋଷ କୁମାର, ବାବୁ ଯାଦବ, ଅନନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।




ଗଣ ଦୌଡ କରାଯାଉଛି ।

# ଗାଁରେ ନ ଛାଡି ବାଟରେ ମୃତଦେହ ଓହ୍ଲାଇ ଦେଲା ଆମ୍ବୁଲାନ୍ସ

## ୩ କି.ମି. ମୃତଦେହ ବୋହିଲେ ଗ୍ରାମବାସୀ

ଗୁଡାରି, ୧୨।୪ ( ପ୍ରମୋଦ କୁମାର ପତି)

ଡାକ୍ତରଖାନାରୁ ମୃତଦେହ ଗ୍ରାମକୁ ନେଲାନି ଆମ୍ବୁଲାନ୍ସ। ରାସ୍ତା ଖରାପ ଯାଇହେବନି କହି ମୃତଦେହ ଓହ୍ଲାଇ ଦେଲା ଗ୍ରାମଠାରୁ ୩ କିମି. ଦୂରରେ। ଫଳରେ ଏହି ୩ କି.ମି. ରାସ୍ତା ମୃତଦେହକୁ ଖଟିଆରେ ଧରି ଗ୍ରାମବାସୀ ବୋହି ନେଇଥିଲେ ଗାଁକୁ। ଏପରି ଅଭାବନୀୟ ଘଟଣା ରାୟଗଡା ଜିଲା ଗୁଡାରି ବ୍ଲକର କର୍ଲାଘାଟି ପଞ୍ଚାୟତର ଖଡ଼ିକା ପଦର ଗ୍ରାମରେ ଦେଖିବାକୁ ମିଳିଛି।


ଗ୍ରାମବାସୀ ଖଟିଆରେ ମୃତଦେହ ଗ୍ରାମକୁ ବୋହି ନେଉଛନ୍ତି ।

ଖବରରୁ ଜଣାପଡିଛି, ଖଡ଼ିକା ପଦର ଗ୍ରାମର ମାଟେଡି କିମାକା (୪୦) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ବିଷମକଟକ ମେଡିକାଲରେ ଶନିବାରଠାରୁ ଚିକିତ୍ସିତ ହେଉଥିଲେ। ରବିବାର ସକାଳ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଖଡ଼ିକାପଦର ଗାଁକୁ ନେଇଥିଲେ। ବିରିପାଙ୍ଗା ଗ୍ରାମଠାରୁ ଖଡ଼ିକାପଦର ରାସ୍ତା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ଚାଳକ ଗାଁକୁ ମୃତଦେହ ନେବାକୁ ମନା କରିଥିଲେ । ଫଳରେ ବାଧ୍ୟ ହୋଇ ଗ୍ରାମବାସୀ ବିରିପାଙ୍ଗାରୁ ଖଡ଼ିକା। ପଦର ପର୍ଯ୍ୟନ୍ତ ୩ କି.ମି. ଘାଟି ରାସ୍ତାରେ ଖଟିଆରେ ବୋହି ମୃତଦେହ ଗାଁକୁ ନେଇଥିଲେ ।

# ବିଭିନ୍ନ ଦାବି ନେଇ ରୋଷେୟା, ସେବାୟତ ସଂଘର ଦାବିପତ୍ର



ମାଲକାନଗିରି, ୧୨।୪(ଦୁର୍ଯ୍ୟୋଧନ ପାତ୍ର)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ରାଜ୍ୟ ରୋଷେୟା ତଥା ସେବାୟତ ସଂଘର ନିର୍ଦ୍ଦେଶରେ ମାଲକାନଗିରି ରୋଷେୟା ଓ ସେବାୟତ ସଂଘ ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟର ଛାତ୍ରାବାସ ଓ ଛାତ୍ରୀ ନିବାସରେ କାର୍ଯ୍ୟରତ ରୋଷେୟା ତଥା ସେବାୟତମାନେ ଦୀର୍ଘବର୍ଷ ହେଲା ସ୍ୱଳ୍ପ ବେତନରେ ସୂଚାରୁରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ପୂର୍ବତନ ସରକାରଙ୍କ ଦୀର୍ଘ ୨୪ ବର୍ଷ ଶାସନ କାଳ ମଧ୍ୟରେ ଆମେ ଅନେକ ଥର ଆମ ଦାବି ଲିଖିତ ରୂପେ ଜଣାଇଥିଲେ ମଧ୍ୟ ସେ ଶୁଣିନାହାନ୍ତି। ବିଶେଷ କରି ଆମ ମାସିକ ଦରମା ୧୪ହଜାର ୫୦୦କୁ ବୃଦ୍ଧି କରିବାକୁ ଅନେକ ଥର ଜଣାଇ ମିଛ ପ୍ରତିଶ୍ରୁତି ପାଇ ନିରାଶ ହୋଇଛୁ। ରୋଷେୟାମାନଙ୍କ କାର୍ଯ୍ୟ ସମୟରେ ମୃତ୍ୟୁ ଘଟିଲେ ମୃତ୍ୟୁକାଳୀନ ରାଶି, ଇଏସ୍ଆଇ, ଇପିଏଫ, ଅବସରକାଳୀନ ସୁବିଧା ଆମେ ଏଯାଏ କିଛି ପାଇନାହୁଁ। ବର୍ତ୍ତମାନର ସରକାର ଆମମାନଙ୍କ ଦରମା ବୃଦ୍ଧି କରିବା ସହ ଦାବି ପୂରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମାଲକାନଗିରି ଜିଲା ସଂଘର ଜିଲା ପ୍ରତିନିଧି ଶୁକ୍ରା ମୁଦୁଲିଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆମ୍ବେଡକର ଜୟନ୍ତୀ ପାଳନ ନେଇ ବୈଠକ

ଗୁଣପୁର, ୧୨।୪( ସୁଜାତା ପାଢ଼ୀ)

ଅନୁସୂଚିତ ଜାତି ଓ ଜ ଜାତି ମିଳିତ ମଞ୍ଚ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଇଁ ଏକ ବୈଠକ ସ୍ଥାନୀୟ ଶବର ସାଂସ୍କୃତିକ ସଂଘ କାର୍ଯ୍ୟାଳୟ ଠାରେ ଶନିବାର ଅନୁଷ୍ଠିତ ହୋଇଛି। ମିଳିତ ମଞ୍ଚ ସଭାପତି ଚକ୍ରପାଣି ଶବରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଆମ୍ବେଡକର ଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ କାଶୀପୁର ବ୍ଲକ ସିଙ୍ଗିମାଲିରେ ନିରୀହ ଆଦିବାସୀଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନର ନିନ୍ଦା କରାଯାଇଥିଲା। ଆଦିବାସୀଙ୍କ କାନ୍ଥ ଚିତ୍ର' ଇଡିତାଲ'କୁ ଜିଆଇ ଟ୍ୟାଗର ମାନ୍ୟତା ସତ୍ତ୍ୱେ ଏହି କଳାକୁ ବଞ୍ଚାଇ ରଖିଥିବା କଳାକାର ଅବହେଳାର ଶିକାର ହେଉଛନ୍ତି। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ଆଲୋଚନା ବେଳେ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ ଉପ ସଭାପତି ରମେଶ ଲିମା, ସାଧାରଣ ସମ୍ପାଦକ ଜଗଦୀଶ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ ରେଗେଡା ସରପଞ୍ଚ ଯୁଗୁଲୁ ଶବର, ପୁଟାସିଂ ସରପଞ୍ଚ ଏସିଆ ଶବର, ଶବର ସାଂସ୍କୃତିକ ସଂଘ ସମ୍ପାଦକ ବଳରାମ ଶବର ଓ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

### ପୂର୍ବତନ ପୌର ଅଧ୍ୟକ୍ଷାଙ୍କ ପରଲୋକ

ମାଲକାନଗିରି, ୧୨।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଜବନ୍ତ କୌରଙ୍କ ରବିବାର ଭୋର ୪ଟାରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ୨୦୧୪ରେ କୌର ପୌର ପରିଷଦ ଅଧ୍ୟକ୍ଷା ଭାବେ ରହି ମାଲକାନଗିରି ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କା ର୍ଯ୍ୟ କରିଥିଲେ। ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ ସଭାନେତ୍ରୀ ଭାବେ ପରିଚିତ ଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମ ପରାୟଣ ମହିଳା ଥିଲେ। କୌରଙ୍କ ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ମାଲକାନଗିରିରେ ଶୋକ ପ୍ରକାଶ ପାଇଛି।

### ୪ ବାଲି ବୋଝେଇ ଟ୍ରାକ୍ଟର, ସାମଗ୍ରୀ ଜବତ

ଏମ୍ଭି–୭୯(ଆଶିଷ ବାଇନ)

ମାଲକାନଗିରି ଜିଲା ଏମ୍ଭି–୭୯ ଥାନା ଅଧୀନ କୁରୁମପଲ୍ଲୀ ନଦୀର ବିଭିନ୍ନ ଘାଟରୁ ବେଲଗାମ ବେଆଇନ ବାଲି ଚାଲାଣ ବେଳେ ସ୍ଥାନୀୟ ପୋଲିସ ଏକାଧିକ ସ୍ଥାନରେ ଅତର୍କିତ ଚଢ଼ାଉ କରି ୪ ଟ୍ରାକ୍ଟର ଓ ବାଲି ଉଠାଣ ସାମଗ୍ରୀ ଜବତ କରିଛି। ମାଫିଆମାନେ ବାଲି ଚାଲାଣ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ଚାଲାଣ ଦୀର୍ଘଦିନ ଧରି ଚାଲୁଥିବାରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ

ରାୟଗଡା, ୧୨।୪(ଆଶିଷ ରଞ୍ଜନ ପଣ୍ଡା)

ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ୍ତ ଜୟନ୍ତୀ ତଥା ଓଡିଆଙ୍କ ନବବର୍ଷ ପାଳନ ପାଇଁ ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି। ରାୟଗଡ଼ା ଜିଲା ମହାବିଷୁବ ସଂକ୍ରାନ୍ତି ଉତ୍ସବ କମିଟି, ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଆଡମ୍ବର ସହକାରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ରବିବାର କମିଟି ପକ୍ଷରୁ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ପୂଜାର୍ଚ୍ଚନା ସହ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ମହାବିଷୁବ ସଂକ୍ରାନ୍ତ ପାଳନ ହେବ। ୧୪ ତାରିଖ ଅପରାହ୍ନ ୪ଟାରେ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଅଶୋକ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା ହେବ। ସନ୍ଧ୍ୟା ୬ଟାରେ ପୂଜା ଓ ନୂତନ ପଞ୍ଜିକା ପାଠ କରାଯିବ । ସନ୍ଧ୍ୟା ସାଢେ ୬ଟାରେ ପଣା ବଣ୍ଟନ କରାଯିବ । ସନ୍ଧ୍ୟା ୭ଟା ସମୟରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମକରାଯିବାକୁ ସ୍ଥିର ହୋଇଛି। ଏହି ଦିନ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଅନୁସୂୟା ନାଥ ଓ ସୌମ୍ୟଶ୍ରୀ ଚିରଞ୍ଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ୧୫ ତାରିଖରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି, ସୁଶ୍ରୀ ଲିପ୍ସା ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଶୁଭଖୁଣ୍ଟି ସ୍ଥାପନ ସମୟରେ କମିଟିର ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ଦେବାଶିଷ ବକ୍ସିପାତ୍ର, ପ୍ରୀତମ କୁମାର, ରାଜକିଶୋର ପଣ୍ଡା, ମିଟୁ ପାଣିଗ୍ରାହୀ, ସନ୍ତୋଷ ଦଳେଇ, ପ୍ରୀତମ ଖରା ପ୍ରମୁଖ ଉପସ୍ଥିତ ଥିଲେ।


ଶୁଭଖୁଣ୍ଟି ସ୍ଥାପନ ଅବସରରେ ଚାଲିଥିବା ପୂଜାର୍ଚ୍ଚନା ।

## ସୁରକ୍ଷାକର୍ମୀଙ୍କୁ ଧମକ, ଯୁବକ ଗିରଫ

ରାୟଗଡା, ୧୨।୪(ଆଶିଷ ରଞ୍ଜନ ପଣ୍ଡା)

ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ରାତିରେ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାଶୀପୁର ଥାନା ଅନ୍ତର୍ଗତ ବାହାରପଦାମାଝି ଗ୍ରାମର ପ୍ରଭାତ ନାୟକ। ପ୍ରଭାତ ରାୟଗଡା ସହରସ୍ଥିତ ଗୌତମ ନଗର ସପ୍ତମ ଲେନରେ ରହୁଥିଲେ। ଖବରରୁ ଜଣାପଡିଛି, ପ୍ରଭାତ ଶନିବାର ସ୍ତ୍ରୀଙ୍କୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ଯାଇଥିଲେ। ମାତ୍ର ୱାର୍ଡରେ କାର୍ଯ୍ୟରତ ସୁରକ୍ଷକର୍ମୀ ନାଗ କୈଳାସ ଓ ରାଜୁ ଜାକକା ରୋଗୀଙ୍କ ନିକଟକୁ କେବଳ ଜଣେ ଯାଇପାରିବେ ବୋଲି କହି ପ୍ରଭାତ ଓ ତାଙ୍କ ସ୍ତ୍ରୀଙ୍କୁ ଛାଡି ନ ଥିଲେ। ଏହି ସମୟରେ ପ୍ରଭାତ ହଠାତ୍ ବନ୍ଧୁକ ଦେଖାଇ ସୁରକ୍ଷା କର୍ମୀଙ୍କୁ ଭୟଭୀତ କରି ୱାର୍ଡକୁ ଯାଇଥିଲେ। ଏ ନେଇ ସୁରକ୍ଷାକର୍ମୀ ରାୟଗଡା ଥାନା ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହାର ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ପ୍ରସନ୍ନ ବେହେରା କହିଛନ୍ତି ।

# ଖୋ ଖୋ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



କୋରୁକୋଣ୍ଡା, ୧୨।୪(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳାସ୍ଥିତ ପିଏମଶ୍ରୀ ସରକାରୀ ବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଖୋଖୋ ପ୍ରଶିକ୍ଷଣ ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି। ରାଜ୍ୟସ୍ତରୀୟ ଚୟନକର୍ତ୍ତାଙ୍କ ଦ୍ୱାରା ବାଲିମେଳା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଚୟନ କରି ଏପ୍ରିଲ ୬ତାରିଖରୁ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଶିବିରରେ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ରାଜ୍ୟ ମୁଖ୍ୟ କୋଚ ଅନୀଲ ଗଞ୍ଜେଓ୍ୱ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଭାଗୀରଥି ସାହୁ ଓ ଅବସରପ୍ରାପ୍ତ ଶିକ୍ଷକଜ୍ୟୋତି ରଞ୍ଜନ ସ୍ୱାଇଁ ତାଙ୍କୁ ସହାୟତା କରିଥିଲେ। ଏଥିରେ ମୁଖ୍ୟତଃ ଖୋ ଖୋ ଟେକ୍ନିକ, ସ୍କିଲ,ଟିଂଗ ଓ ଚେନ ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଇଥିଲା। ଏହି ଶିବିରକୁ ଜିଲା କ୍ରୀଡା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ ଉପସ୍ଥିତ ଥିଲେ।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ମାଲକାନଗିରି, ୧୨।୪(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ଭବନରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପ୍ରଥମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାମପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ସଂଘ ସମ୍ପାଦକ ମନୋଜ ସେଡା ବିବରଣୀ ପଠନ କରିଥିଲେ। ବୈଠକରେ ରାଜ୍ୟ ସଂଘ ଉପସଭାପତି ରଞ୍ଜିତ ନାୟକ ସଂଘକୁ ଦୃଢ଼ କରାଯିବା କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି କୁହାଯାଇଛି। ବ୍ଲକ ସଦରରେ ବୈଠକ କରା ନ ଯାଇ ଜୋନ ଅନୁଯାୟୀ ବୈଠକ କରି ସମସ୍ତ ଶିକ୍ଷକଙ୍କୁ ସାମିଲ କରାଯିବା ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଗ୍ରାମକୁ ଜନଗଣନା ପାଇଁ ଯିବାକୁ ନିର୍ଦ୍ଦେଶ ରହିଛି। କିଛି ବିଦ୍ୟାଳୟରେ ସମସ୍ତ ଶିକ୍ଷକଙ୍କୁ ଷ୍ଟାଫ କାର୍ଯ୍ୟରେ ନିୟୋଜନ କରାଯାଇଛି। ଏହି ବିଭାଗୀୟ ତ୍ରୁଟିକୁ ବୈଠକରେ ଘୋର ବିରୋଧ କରାଯାଇଥିଲା। ତୁରନ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ ମନୋରଞ୍ଜନ ବେହେରା, ଉଷାରାଣି ରାୟ, ଗଣେଶ ଚନ୍ଦ୍ର ଜେନା, ସପନ ମଣ୍ଡଳ, ସନ୍ତୋଷ ପ୍ରଧାନ, ସରୋଜ ସାହୁ, ଶ୍ରୀଧର ସାହୁ ପ୍ରମୁଖଙ୍କ ଉପସ୍ଥିତ ଥିଲେ। ଜିତେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟମାନେ।

# ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଜଳସଂକଳ୍ପ ଯାତ୍ରା

## ବଂଶଧାରା ନଦୀ ଜଳ ବିବାଦ ସମ୍ପର୍କିତ ରାୟ

ଗୁଣୁପୁର, ୧୨।୪ (ସଂକେତ ପାତ୍ର )

ବଂଶଧାରା ନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲ ରାୟ ପ୍ରକାଶ ପରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାୟଗଡା ଓ ଗଜପତି ଜିଲାର ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ରବିବାର ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି।

ରାୟଗଡା–ଗଜପତି ସୀମାନ୍ତ ସାହାରା ନିକଟରେ ପ୍ରବାହିତ ବଂଶଧାରା ନଦୀ ମଧ୍ୟରେ ଚାଷୀ ଓ ସମିତି ସଦସ୍ୟମାନେ ନଦୀ ଭିତରେ ପଶି ହାତରେ ପାଣି ଧରି 'ଜଳ ସଂକଳ୍ପ ଯାତ୍ରା' ଆରମ୍ଭ କରିଛନ୍ତି। ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଦାବି ପୂରଣ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ 'ଡବଲ ଇଞ୍ଜିନ' ସରକାର ଥିବା ପରିପ୍ରେକ୍ଷୀରେ ଓଡିଶାର ହିତକୁ ଦୃଷ୍ଟିରେ ରଖି ନଦୀ ଉପର ମୁଣ୍ଡରେ ପ୍ରକଳ୍ପ ଗଢ଼ି ଉଠିବା ଦାବି ଜୋର ଧରିଛି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଦାବିକୁ ଗୁରୁତ୍ୱ ନ ଦିଅନ୍ତି, ତେବେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶଙ୍କ ନେତୃତ୍ୱରେ ଗୁଣୁପୁର ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ପଞ୍ଚାୟତ ସମିତି ସଦସ୍ୟ ଜଗନ୍ନାଥ ଦୋରାଙ୍କ ସହ ବହୁ ଜନପ୍ରତିନିଧି, ଆଇନଜୀବୀ ଓ ସାମାଜିକ କର୍ମୀ ଏହି ଯାତ୍ରାରେ ସାମିଲ ହୋଇଥିଲେ। ସାରା, ବା ଗାଦିଆଖଳା ଓ ଗୁଣୁପୁର ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ବଂଶଧାରା ଜଳ ସୁରକ୍ଷା ପାଇଁ ଶପଥ ନେଇଥିଲେ। ସୂଚନାଯୋଗ୍ୟ, ପ୍ରାୟ ୨୫୪ କିଲୋମିଟର ଦୀର୍ଘ ବଂଶଧାରା ନଦୀ ଓଡିଶା ଓ ଆନ୍ଧ୍ରପ୍ରଦେଶ ମାଧ୍ୟମରେ ପ୍ରବାହିତ। ୧୯୬୨ରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ସମ୍ପର୍କିତ ଏକ ଚୁକ୍ତି ହୋଇଥିବା ବେଳେ ଏହାକୁ ଆଧାର କରି ଟ୍ରିବ୍ୟୁନାଲ ଶେଷ ରାୟ ଦେଇଛନ୍ତି, ଯାହା ଏପ୍ରିଲ ୫ରେ ସରକାରୀ ଗେଜେଟରେ ପ୍ରକାଶ ପାଇଛି। ଟ୍ରିବ୍ୟୁନାଲ ଦ୍ୱାରା ସମାନ ଭାବରେ ଜଳ ବ୍ୟବହାର ନିର୍ଦ୍ଦେଶ ଦେଇଥିବାରୁ ଓଡିଶାରେ ଉପଯୁକ୍ତ ପ୍ରକଳ୍ପ ଗଢ଼ି ଉଠିବା ନେଇ ଦାବି ଜୋର ଧରିଛି।



ସମିତି ପକ୍ଷରୁ କର୍ମକର୍ତ୍ତା ଓ ସଦସ୍ୟମାନେ ଜଳ ସଂକଳ୍ପ ଯାତ୍ରା ଆରମ୍ଭ କରୁଛନ୍ତି ।



### ସଂକ୍ଷେପରେ

## ପୋଖରୀରୁ ଗଳିତ ମୃତଦେହ ଜବତ

ନନ୍ଦପୁର,୧୨।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା କସନ୍ଦି ପଞ୍ଚାୟତ ବଣ୍ଡକାପୁଟ ଗ୍ରାମ ପୋଖରୀରୁ ଏକ ଗଳିତ ମୃତଦେହ ରବିବାର ଜବତ ହୋଇଛି। ନନ୍ଦପୁର ପୋଲିସ ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଗୁପ୍ତେଶ୍ୱର ଗଉଡ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟିମ୍ ପୋଖରୀରୁ ଗଳିତ ମୃତଦେହକୁ ଜବତ କରିଥିଲେ। ମୃତକ ହେଲେ ସର୍ବତି ଗ୍ରାମର ଭିକୁ ଖିଲ(୫୦)। ସେ କୌଣସି କାର୍ଯ୍ୟରେ ବଣ୍ଡକାପୁଟ ଗ୍ରାମକୁ ଶନିବାର ଆସିଥିଲେ। ଶୌଚ ହେବାକୁ ଯାଇ ପୋଖରୀରେ ବୁଡି ଯାଇଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଜାନକୀ ଖିଲ ଏତଲା ଦେଇଛନ୍ତି। ଥାନାରେ ନଂ. ୯/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଭିକୁ କୁଲି କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସରକାରୀ ସହାୟତା ପ୍ରଦାନ କରିବାକୁ ପଞ୍ଚାୟତ ସରପଞ୍ଚ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ ଗୁରୁମାଇଁ ଅନୁରୋଧ କରିଛନ୍ତି।

## ଏନଏସଏସ ଶିବିର ଉଦ୍‌ଯାପିତ

କୁନ୍ଦୁରା,୧୨।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଜିରାଗୁଡା ଓ କେନ୍ଦୁଗୁଡାରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଛି। ଶହୀଦ ଲକ୍ଷ୍ମଣ ନାୟକ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଟ୍ଟନାୟକ ଓ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଶିକ୍ଷା ଅଧାପିକା ଡ.ସଂଯୁକ୍ତା ପଣ୍ଡା ଶିବିରକୁ ଉଦଘାଟନ କରିଥିଲେ। ପ୍ରତି ବିଭାଗରେ ୫୦ ଲେଖାଏ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ଦାମୋଦର ଗଣ୍ଡା, ଇତିହାସ ବିଭାଗ ଅଧାପକ ଅନିଲ କୁମାର ପଟ୍ଟନାୟକ, ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ସ୍ୱେଚ୍ଛାସେବୀଙ୍କୁ କର୍ତ୍ତବ୍ୟ ପାଳନ ସହ ଭବିଷ୍ୟତରେ ଏନ୍‌ଏସ୍‌ଏସ୍ ମାଧମରେ ସମାଜ ସଂସ୍କାର ହୋଇପାରିବା ନେଇ କହି ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ କଲେଜ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ଲେଙ୍କା ଓ ଅଜିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ। କଲେଜ ରବି ଶଙ୍କର ସାହୁ, ଆର୍ତ୍ତ ତ୍ରାଣ ମଣ୍ଡଳ,ଦିବାକର ପଟ୍ଟନାୟକ ସହଯୋଗ କରିଥିଲେ।

## କୋୟା ସମାଜ ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି,୧୨।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଟେରୁ ଥାନା ଅଧୀନ ପୁଲିମେଟଲା ନର୍ସରି ନିକଟ ପୋଟେରୁ ନଦୀ ତଟରେ ଓଡ଼ିଶା କୋୟା ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜିଲା ଆଦିବାସୀ ସମାଜ ମହାସଂଘ ପୂର୍ବତନ ସଭାପତି ଘନଶ୍ୟାମ ମାଡକାମିଙ୍କ ସଭାପତିତ୍ୱରେ ଜିଲାର ସମସ୍ତ ୧୫ ଆଦିବାସୀ ସମାଜର କର୍ମକର୍ତ୍ତା ଓ ୭ ବ୍ଲକର କୋୟା ସମାଜ ମହିଳା ଏବଂ ପୁରୁଷ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତି କ୍ରମେ ୩ ବର୍ଷ ପାଇଁ ଓଡ଼ିଶା କୋୟା ସମାଜ ସଭାପତି ଭିମା ବାର୍ସେ, ଉପସଭାପତି ସୁଖଦେବ କବାସୀ, କୃଷ୍ଣ ତାତି, ସମାରି ମାଡକାମି, ସମ୍ପାଦକ ଆଡମା ରାବା, କୋଷାଧକ୍ଷ ଟୁନା ମାଡକାମି, ସଙ୍ଗଠକ ସାଧାରଣ ମୁକୁନ୍ଦ ପଡିଆମି, ଉପସାଧାରଣ ସଙ୍ଗଠକ ଗଣେଶ ମାଡି ଓ ଅନ୍ୟମାନେ ଚୟନ ହୋଇଥିଲେ। ଏହି ଅବସରରେ ସମସ୍ତ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ୮ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ସମାଜ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ।

# ଆଟିଗାଁରେ ପ୍ରଶାସନ, ଗ୍ରାମବାସୀ ମୁହାଁମୁହିଁ

### ପଥର କ୍ୱାରି ଖନନକୁ ବିରୋଧ

କୁନ୍ଦୁରା,୧୨।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ ରାଣୀଗୁଡ଼ା ପଞ୍ଚାୟତ ଆଟିଗାଁ ପଥର କ୍ୱାରୀ ଖନନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ୧୦ ତାରିଖରେ ଲିଜ ଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରି ପଥର ଖନନ କରିବାକୁ ପ୍ରଶାସନ ଗାଁରେ ପହଞ୍ଚିଥିଲା। ତହସିଲଦାର ବିନୋଦ କୁମାର ନାଏକ, ଖଣି ବିଭାଗ ଡେପୁଟି ଡାଇରେକ୍ଟର, ମାଇନିଂ ଅଫିସର, ଜୁନିଅର ମାଇନିଂ ଅଫିସର, ସରପଞ୍ଚ ଶିବ ପ୍ରଧାନୀ ଓ ଲିଜଧାରୀମାନେ ପୋଲିସ ସହ ଗାଁରେ ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ପଥର ଖନନ ପାଇଁ ସମାଧାନ ହୋଇପାରି ନ ଥିଲା। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା। ପଥର ଖନନ କରାଗଲେ ଗାଁର ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଖେଳ ପଡ଼ିଆ,ପାଣି ଟାଙ୍କି, ରାସ୍ତା ଆଦି ବହୁ ପ୍ରଭାବିତ ହେବା ସହ ଗାଁର ବହୁ କ୍ଷତି ହେବ ବୋଲି ଗ୍ରାମବାସୀ ଅଧିକାରୀଙ୍କୁ କହିଥିଲେ। ଗାଁକୁ ଲାଗି ମାତ୍ର ଶହେ ମିଟର ବ୍ୟବଧାନରେ ବଡ଼ା ଡ଼ଙ୍ଗରି ପର୍ବତ ଥିବାରୁ ପଥର ଖନନ ନ କରିବାକୁ କହିଥିଲେ। ପ୍ରଶାସନ ଲୋକଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ଏହାକୁ ଶତାଧିକ ପୁରୁଷ ମହିଳା ବିରୋଧ କରିବାରୁ ସମାଧାନ ହୋଇପାରିଲା ନ ଥିଲା।

ସୂଚନାନୁଯାୟୀ, ୧୦ ବର୍ଷ ତଳର ଲିଜାଧାରୀ ପଥର ଖନନ କରୁଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଗାଁର ସ୍କୁଲ, ଅଙ୍ଗନୱାଡ଼ି, ରାସ୍ତା ଘାଟ ଓ ଘରଗୁଡ଼ିକ ଫାଟିବାରୁ ପ୍ରଶାସନକୁ ଅଭିଯୋଗ କରାଯାଇଥିଲା। ଏହାପରେ ଖନନ ବନ୍ଦ ହୋଇଥିଲା। ପୁଣି ଖନନ ପାଇଁ ଅନୁମତି ଦିଆଯାଇଥିବା ଶୁଣି ମାର୍ଚ୍ଚ ୧୨ରେ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଗତ ୩୦ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। ପଥର ଖନନ ହେବା ଦ୍ୱାରା ଗାଁର କ୍ଷତି ହେଉଥିବା ଜାଣି ମଧ୍ୟଖଣି ବିଭାଗ କିଭଳି ଅନୁମତି ଦେଲା। ମରିଯିବୁ ପଛେ କୌଣସି ପରିସ୍ଥିତିରେ ପଥର ଖନନ କରିବାକୁ ଦିଆଯିବ ନାହିଁ ବୋଲି ୱାର୍ଡ ମେମ୍ବର ଡୁମର ଧର ଭତରା, କୃପା ଭତରା, ସାମପତି ହରିଜନ ଆଦି ଗ୍ରାମବାସୀ କହିଛନ୍ତି। ଏ ନେଇ ତହସିଲଦାର ନାଏକଙ୍କୁ ପଚାରିବାରୁ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଖଣି, ରାଜସ୍ୱ ବିଭାଗ ପୋଲିସ ଲିଜ୍‌ଧାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରି ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆଲୋଚନା ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ବିରୋଧ କରିବାରୁ ହୋଇପାରି ନ ଥିବା ସେ କହିଛନ୍ତି। ଲିଜଧାରୀ ଖଣି ବିଭାଗଠାରୁ ଅନୁମତି ଆଣିଛନ୍ତି। ଆଗକୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମବାସୀ ବିରୋଧ କରୁଛନ୍ତି ।

## ଜିଲା ଇପିଏଫ ପେନସନର୍ସ ଆସୋସିଏଶନ ବୈଠକ

ଜୟପୁର,୧୨।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ ଇପିଏଫ୍ ପେନସନର୍ସ ଆସୋସିଏଶନ ଜିଲା କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନଳିନୀ କାନ୍ତ ରଥ ସଭାପତିତ୍ୱ କରି ଏଜେଣ୍ଡା ଉପସ୍ଥାପନ କରିଥିଲେ। ୨୦୧୮ରୁ ଇପିଏସ୍-୯୫ ପେନସନଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଯୋଡ଼ିବା, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରିବା ଦାବି କରି ଦିଲ୍ଲୀର ଜନ୍ତରମନ୍ତରରେ କ୍ରମାଗତ ଧାରଣା ଜାରି ରହିଛି। କେନ୍ଦ୍ର ଓ ରାଜ୍ୟ କମିଟି ପରବର୍ତ୍ତୀ ଆନ୍ଦୋଳନ ପନ୍ଥା ଘୋଷଣା କଲେ ତାକୁ ପାଳନ କରାଯିବ। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଭାଜପା ଦଳ କ୍ଷମତାକୁ ଆସିଲେ ପ୍ରତି ମହିଳାଙ୍କୁ ୩ ହଜାର ଟଙ୍କା ଅର୍ଥ ଦେବା ପାଇଁ ଘୋଷଣା କରିଥିଲେ। କେତେକ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ମାସିକ ୩ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଦିଆଯାଉଛି। ପେନସନ ପାଣ୍ଠିରେ ଲକ୍ଷ ଲକ୍ଷ କୋଟି ଟଙ୍କା ରହିଥିବା ସତ୍ତ୍ୱେ କେନ୍ଦ୍ର ସରକାର ଦେଶର ୭୦ ଲକ୍ଷ ପେନସନ ଭୋଗୀଙ୍କୁ ଅଣଦେଖା କରୁଥିବା କହିଛନ୍ତି। ଜନ ଆନ୍ଦୋଳନ ସରକାରଙ୍କୁ ଶୁଣିବାକୁ ବାଧ କରିବ ବୋଲି କହିଛନ୍ତି। ସ୍ଥାନୀୟ ଅଞ୍ଚଳର ପେନସନଭୋଗୀମାନେ ଅଧିକରୁ ଅଧିକ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ସଭ୍ୟ ସଂଗ୍ରହ ସଂଖ୍ୟା ବୃଦ୍ଧି କରିବାକୁ ଉପଦେଷ୍ଟା ଯୁଧିଷ୍ଠିର ରାଉଳ ପରାମର୍ଶ ଦେଇଥିଲେ। ବୈଠକରେ ବସନ୍ତ ବେହେରା, ଉମାକାନ୍ତ ରଥ, ରାମକୃଷ୍ଣ ଦାସ ଓ ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କିଶୋର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜନଜାତି ମାନ୍ୟତା ଦାବିରେ ଏକତ୍ର ହେଲେ ଡମ ସମାଜ

ମାଥିଲି,୧୨।୪(ସୁବାଷ ଚନ୍ଦ୍ର ଖୁଣ୍ଟୁପିଆ)

ସମାଜର ଅସ୍ତିତ୍ୱ, ପରିଚୟ ଓ ନ୍ୟାୟସଙ୍ଗତ ଅଧିକାର ପାଇଁ ମାଥିଲି ବ୍ଲକର ଚାଉଳମେନ୍ଦୀ ପଞ୍ଚାୟତ ଡମ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ସଭା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଲୋକ ଏକତ୍ର ହୋଇ ସେମାନଙ୍କୁ ଜନଜାତି ମାନ୍ୟତା ଓ ସମ୍ବିଧାନିକ ଅଧିକାର ପାଇଁ ଦାବି କରିଥିଲେ। ମାଥିଲି ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଦୁରିଆଙ୍କ ଅଧକ୍ଷତାରେ ରାଜେନ୍ଦ୍ର କୁଲଦୀପ, ମୁଖ୍ୟବକ୍ତା ସନ୍ତୋଷ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଆମେ ନ୍ୟାୟ ସଙ୍ଗତ ଅଧିକାର ନ ପାଇବା ଯାଏ ଏହି ସଂଘର୍ଷ ଜାରି ରହିବ ବୋଲି କୁହାଯାଇଛି। ଜିଲା ସଭାପତି ବଳରାମ ଅନୁଗୁଳିଆ ଅଭିଭକ୍ତ କୋରାପୁଟ ଜିଲା ଡମ ସମାଜର ଉପସଭାପତି ଡମ୍ବୁରୁ ବାଘ ଓ ସହ ସମ୍ପାଦକ କଣ୍ଟେଶ୍ୱର ପଟ୍ଟଲା ଉପସ୍ଥିତ ଥିଲେ। ଜିଲାର ୭ ବ୍ଲକ ସଭାପତି, କୁଟୁନିପାଲି ପଞ୍ଚାୟତ ଡମ ସମାଜର ସେକ୍ରେଟାରୀ କୃତ୍ତିବାସ ବାରିକ ଓ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଉପସ୍ଥିତି ଥିଲେ। ଜନଜାତି ମାନ୍ୟତା ପ୍ରଦାନ କରି ସମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ସଭାର ମୂଳ ଲକ୍ଷ୍ୟ ଥିଲା। ସମସ୍ତଙ୍କ ସହମତରେ ଦାବିକୁ ସରକାରଙ୍କ ସମ୍ମୁଖରେ ଜଣାଇବାକୁ ସଂକଳ୍ପ ନିଆଯାଇଛି।




ଡମ ସମାଜର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## କୁଟୁନିପଲ୍ଲୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମାଥିଲି,୧୨।୪(ସୁବାଷ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲି କୁଟୁନିପଲ୍ଲୀ ପଞ୍ଚାୟତ ଅଧୀନ କାଦପଦରରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଫାଇଟର ଟିମ ଓ କେପିଏଲ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଫାଇଟର ଟିମ୍ ୧୨ ଓଭରରେ ୬ ୱିକେଟ ଖେଳି ୯୮ ରନ ସଂଗ୍ରହ କରିଥିଲା। କେପିଏଲ୍ ଟିମ ୧୧-୪ ଓଭରରେ ୩ ୱିକେଟ ହରାଇ ୯୯ରନରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ବ୍ଲକ କଂଗ୍ରେସ ସଭାପତି ମଙ୍ଗଳା ଗୌଡ଼, ଯୁବନେତା ବିଷ୍ଣୁପ୍ରସାଦ ବାକା, ବ୍ଲକ ଉପଧକ୍ଷା ଦେବକୀ ଦଲେଇ, କୁଟୁନିପଲ୍ଲୀ ସରପଞ୍ଚ କମଳି ନାୟକ, ସାମାଜିକ କର୍ମୀ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ରହିଛି। କ୍ରିକେଟ ଟୁର୍ନାମେଣ୍ଟ କମିଟି ସଭାପତି କୃଷ୍ଣ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## କେନ୍ଦୁପତ୍ର ତୋଳା କାର୍ଯ୍ୟ ଶୁଭାରମ୍ଭ

ମାଲକାନଗିରି,୧୨।୪(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ଚଳିତବର୍ଷ ପାଇଁ ଜିଲା ସଦର ବ୍ଲକ ଅନ୍ତର୍ଗତ କଟାମେଟାସ୍ଥିତ ମା’ ମାଉଲି ମନ୍ଦିର ସମ୍ମୁଖରେ ଜାମୁଗୁଡା କେନ୍ଦୁପତ୍ର ଫଡିରେ ୨୦୨୬ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ କେନ୍ଦୁପତ୍ର ତୋଳା କାର୍ଯ୍ୟ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ବରିଷ୍ଠ ଆଇନଜୀବୀ ଗୁରୁଚରଣ ମହାନ୍ତି, ଜିଲା କେନ୍ଦୁପତ୍ର ବ୍ୟବସାୟୀ ସଂଘ ସମ୍ପାଦକ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ଜଳ ଛତ୍ର ଓ ମାଗଣାରେ ଓଆରଏସ୍ ଯୋଗାଇଦେବାର ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କଟାମେଟା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ବେତାଳ ଜୟରାମ ପରିଚାଳନା କରିଛନ୍ତି। ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ଷଡ଼ଙ୍ଗୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ପ୍ରଥମେଶ୍ ଅରବିନ୍ଦ ରାଜସିର୍କେ ଓ ଅନ୍ୟ ଅଧିକାରୀମାନେ ।

## ମହାପୁରୁଷଙ୍କ ବନ୍ଦନା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ଜୟପୁର,୧୨।୪(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ମହାପୁରୁଷମାନଙ୍କ ବନ୍ଦନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଇତିହାସ ବିଭାଗ ମୁଖ୍ୟ ଡ. ଋଷଭ କୁମାର ସାହୁ ସଭାପତିତ୍ୱ କରିଥିଲେ। ଡ. ଅରୁଣ କୁମାର ରାଜ, କ୍ୟାପ୍ଟେନ ଲକ୍ଷ୍ମଣ ପାତ୍ର, ଡ.ଅନୁରାଧା ପାଲ, ଡ. ମିନତି ନାୟକ, ଡ. ହୃଷୀକେଶ ବେହେରା ପ୍ରମୁଖ ଓଡ଼ିଆ ପକ୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଓ ଅଧାପକମାନେ ମହାପୁରୁଷଙ୍କ ଜୀବନ, ଚିନ୍ତାଧାରା ଓ ସମାଜ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ନେଇ ଆଲୋକପାତ କରିଥିଲେ। ମହାପୁରୁଷମାନଙ୍କ ଆଦର୍ଶ, ନୀତି ଓ ଦେଶପ୍ରେମର ମହତ୍ତ୍ୱକୁ ଆଧୁନିକ ଯୁଗରେ ଏହାର ପ୍ରାସଙ୍ଗିକତା ନେଇ ଉଲ୍ଲେଖ କରିଛନ୍ତି। ଆଲୋଚନା ମାଧମରେ ଛାତ୍ରୀଛାତ୍ର ଭାଷା, ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧ ପ୍ରତିଅଧିକ ସଚେତନ ହେବେ। ପଲ୍ଲବୀ ନାୟକ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ

ଲକ୍ଷ୍ମୀପୁର,୧୨।୪
(ଅନନ୍ତ ପ୍ରସାଦ ନାୟକ)



ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଉଛି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନା ପରିସରରେ ଅଞ୍ଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ପାଇଁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ୩୪ ସଭ୍ୟ ଉପସ୍ଥିତ ଥିଲେ। ସଂଘର ଉପଦେଷ୍ଟା ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ଦାସ ସମାଜରେ ବରିଷ୍ଠଙ୍କ ଆବଶ୍ୟକତା ତାଙ୍କ ପରାମର୍ଶ, ଭବିଷ୍ୟତ ପିଢ଼ିକୁ ଦିଗଦର୍ଶନ ଦେବାରେ ସହାୟକ ହେବ ବୋଲି କହିଥିଲେ। ସଂଘ ସଭାପତି ନିରାକାର ବିଶୋଇ ସଂଘର ଆବଶ୍ୟକତା ଓ ବରିଷ୍ଠଙ୍କ ସମାଜ ପ୍ରତି କର୍ତ୍ତବ୍ୟ ନ ରହିଲେ ସମାଜ ବିପଥଗାମୀ ହୋଇଯିବ ବୋଲି କହିଛନ୍ତି। ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ ସଂଘ ସମ୍ପାଦକ ଜଳନ୍ଧର ବାଘ ତୁଲାଇଥିଲେ। ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ପ୍ରକାର ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଯୋଜନା ଯୋଗାଇ ଦେବାକୁ ଦାବି ହେଉଛି। ସଭା କାର୍ଯ୍ୟରେ ଏସ୍‌ଆଇ ଜିତେନ୍ଦ୍ର କୁମାର ପୌର ହିତରେ ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଥାନା କର୍ମଚାରୀମାନେ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ ପ୍ରାଇଡର କାର୍ଯ୍ୟାଳୟ ପରିଦର୍ଶନ, ରକ୍ତଦାନ ଶିବିର

ଜୟପୁର,୧୨।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ରୋଟାରି କ୍ଲବ ପ୍ରାଇଡର କାର୍ଯ୍ୟାଳୟ ପରିଦର୍ଶନ ସହ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ରୋଟାରୀ ଜିଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ପରିଦର୍ଶନ କରିଥିଲେ। ଜୟପୁର ବେଲ ରୋଡସ୍ଥିତ ଏକ ହୋଟେଲରେ ସଭା ହୋଇଥିଲା। ସଭାରେ ରୋଟାରି କ୍ଲବ ପ୍ରାଇଡର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପ୍ରଥମ ମହିଳା ରୋଟାରିୟାନ ମଧୁସ୍ମିତା ତ୍ରିପାଠୀ, ଜୋନାଲ ଚେୟାର ରାମନାଥ ସାହୁ, ସହକାରୀ ଗଭର୍ଣ୍ଣର କିଶୋର ଚୌଧୁରି, ସମ୍ପାଦକ ରବିନାରାୟଣ ନନ୍ଦ, ରୋଟାରିୟାନ ଜି. ଭି ରାଓ ମଞ୍ଚାସୀନ ଥିଲେ। ରୋଟାରିଆନ ବର୍ଷା ବଣ୍ଡାଳୀ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ନନ୍ଦ ୨୦୨୫-୨୬ର ସମାଜିକ ଓ ଜନସେବାମୂଳକ କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ। ଜିଲା ଗଭର୍ଣ୍ଣର ତ୍ରିପାଠୀ ୭ ନୂତନ ସଭ୍ୟଙ୍କୁ ଗ୍ରହଣ ରୋଟାରି ପିନ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଡାକ, ପରିମଳ ଓ ଟ୍ରାଫିକ ସେବା ପାଇଁ ସେବା ପ୍ରଦାନକାରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରିୟାନ ରତ୍ନାକର ଚୌଧୁରି, ସଞ୍ଜିବ ମିଶ୍ର, ସି. ସାବିତ୍ରି, କିରଣ ବାଳା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରୋଟାରୀ କ୍ଲବ ପକ୍ଷରୁ ଆର୍ଯ୍ୟବୈଶ୍ୟ ସଂଘର ସହାୟତାରେ ସ୍ଥାନୀୟ ଏନ୍‌କେଟି ରୋଡସ୍ଥିତ ବାସଭବନରେ ରକ୍ତଦାନ ଶିବିର କରାଯାଇଛି। ଏଥିରେ କ୍ଲବର ସଭ୍ୟମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଓଡିଶା ରକ୍ତ କେନ୍ଦ୍ର ଶାଖାର ଡା. ଅର୍ପିତ ପାଢୀ ୪୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

## ଭାଜପାରେ ମିଶିଲେ ବିଜେଡି ପୂର୍ବତନ କାର୍ଯ୍ୟକାରୀ ସଭାପତି



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରଘୁରାମ ମାଛ ଓ ଅନ୍ୟମାନେ।

କୋରାପୁଟ,୧୨।୪
(ଅମିତାଭ ବେହେରା)

କୋରାପୁଟ ଜିଲା ବିଜେଡିର ପୂର୍ବତନ ଲମତାପୁଟ ବ୍ଲକ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ସାହୁ ଓ ବିଜେଡିର ପୂର୍ବତନ ତୁସୁବା ପଞ୍ଚାୟତ ଯୁବ ସଭାପତି ରହିତ କୁମ୍ଭାର କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ରଘୁରାମ ମାଛଙ୍କ ଉପସ୍ଥିତିରେ ଭାଜପାରେ ବିଧିବଦ୍ଧ ଭାବେ ରବିବାର ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ ମାଛକୁଣ୍ଡ ମଣ୍ଡଳ ଉପସଭାପତି ରାମ ଖିଲ, ଲମତାପୁଟ ପୂର୍ବତନ ବ୍ଲକ ଉପାଧକ୍ଷ ଘାସି ମାଣ୍ଡି, ବରିଷ୍ଠ କାର୍ଯ୍ୟକର୍ତ୍ତା ମୁକୁନ୍ଦ ପଡ଼ାଲ, କମୁଲୁ ମାଣ୍ଡି ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସରକାରୀ, ଶିକ୍ଷାନୁଷ୍ଠାନ ନିୟମ ଭିନ୍ନ ଯୋଗୁ ଅଭିଭାବକ ହଇରାଣ

ସୁନାବେଡ଼ା/କୋରାପୁଟ, ୧୨।୪
(କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)

କୋରାପୁଟ ଜିଲା ଶିକ୍ଷାଧିକାରୀ(ଡିଇଓ) କରୁଣାକର ଭୁଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ ନିୟମ ଅନୁସାରେ ପ୍ରମାଣପତ୍ରର ବୈଧତା ଯାଞ୍ଚ ନ କରି ଅଯଥାରେ ନୂଆ ସାର୍ଟିଫିକେଟ ପାଇଁ ବାଧ କଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ନିର୍ଦ୍ଦେଶନାମାରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପ୍ରମାଣପତ୍ରର ବୈଧତା ସମ୍ପର୍କିତ ସବିଶେଷ ବିବରଣୀ ରହିଛି। ନିର୍ଦ୍ଦେଶନାମା ଅନୁସାରେ ଜାତି ପ୍ରମାଣପତ୍ର ଆଜୀବନ ପାଇଁ ବୈଧ, ଏହାର କୌଣସି ସମୟ ସୀମା ନାହିଁ। ଆବାସିକ ପ୍ରମାଣପତ୍ରର ବୈଧତା ଜାରି ହେବା ଦିନଠାରୁ ୫ ବର୍ଷ ଯାଏ ରହିବ। ଛାତ୍ରୀଛାତ୍ରଙ୍କ ପାଖରେ ଥିବା ଦଶମ ଶ୍ରେଣୀ ସାର୍ଟିଫିକେଟ୍‌କୁ ଆବାସିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇପାରିବ। ଆୟ ପ୍ରମାଣପତ୍ର ଜାରି ହେବା ଦିନଠାରୁ ୩ ବର୍ଷ ଯାଏ ବ୍ୟବହାର କରାଯାଇପାରିବ। ସେହିପରି କୌଣସି ଛାତ୍ରୀଛାତ୍ରଙ୍କୁ ଆଧାର କାର୍ଡ ନ ଥିବା କହି ନାମଲେଖାରୁ ବଞ୍ଚିତ କରାଯାଇପାରିବ ନାହିଁ। ପ୍ରକାଶ ଯେ,



DISTRICT EDUCATION OFFICE, KORAPUT
Paraja Street, Koraput E-mail: ciofschoolskpt@gmail.com
Letter No. 2376 /VII-DSS/2025 Date 10/04/26

To
The Headmasters/Headmistress/Principals,
All Govt. & Govt. Aided High Schools, OAVs & HSS under Koraput Dist.

Subject: Adhering to Govt. Guidelines regarding validity of various certificates.

Sir/Madam,

It has come to the notice of the undersigned that some Headmasters and Principals are insisting students and parents to submit recently issued Caste, Resident and Income certificates without verifying the validity of these certificates while allowing admission and applying scholarship in favour of the student(s). As a result of which the students and their parents are being put to unnecessary hardship physically, mentally and economically.

In view of the prevailing Govt. Rules and the Odisha Gazette notifications, you are hereby directed to strictly follow the validity periods outlined below:

- **Caste Certificates (SC/ST):** These certificates are valid for a lifetime. There is no limitation period for their validation if they have been issued earlier by the competent authority.
- **Resident Certificates:** These are valid for a period of five (5) years from the date of issue. Notably, for students who have obtained an HSC or equivalent certificate, that certificate may be submitted in lieu of a Resident Certificate; in such cases, the local address of the educational institution will be treated as the place of residence.
- **Income Certificates:** These remain valid for a period of three (3) years from the date of issue.

A copy of the Odisha Gazette Resolution No. 35875-RDM-GOEB-MISC-0039 /2015/ R&DM dtd. 24.09.2018 is enclosed herewith for reference.

**Further, no students shall be denied admission due to want of AADHAR.**

In view of the above, it is hereby instructed that no students / parents shall be insisted to produce recently issued certificates without ascertaining their actual validity. Stringent action shall be taken against erring Headmaster / Principal /employee if any complaint received in this regard is found to be genuine.

Enclosed: As stated above.

Yours faithfully,

District Welfare Officer, Koraput
District Education Officer, Koraput

Memo No. 2377 Date: 10/04/26
Copy forwarded to all BEOs under Koraput District for information and necessary action.

District Education Officer, Koraput

Memo No. 2378 Date: 10/04/26
Copy submitted to the Collector, Koraput for favour of kind information.

District Education Officer, Koraput

ଜିଲା ଶିକ୍ଷାଧିକାରୀ ଜାରି କରିଥିବା ନିର୍ଦ୍ଦେଶନାମା ।

ସରକାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ନିୟମ ପ୍ରସ୍ତୁତ କରିଛନ୍ତି। ଏଥିରେ ବିଦ୍ୟାର୍ଥୀଙ୍କ ଜାତି ପ୍ରମାଣପତ୍ର, ରକ୍ତ ନମୁନା, ସିକଲିନ ଆଦି ଏକାଧିକ ପ୍ରମାଣପତ୍ର ରହିଛି। ଏହାକୁ ଜଣେ ବିଦ୍ୟାର୍ଥୀ ଆଡମିଶନ ବେଳେ ଦାଖଲ କରିବା ବାଧ୍ୟତାମୂଳକ। କିନ୍ତୁ ସୁନାବେଡ଼ା ଏସ୍‌ଏସ୍‌ଡି ପ୍ରଧାନଶିକ୍ଷକଙ୍କ ନିଜସ୍ୱ ନିୟମ ଯୋଗୁ ଅଭିଭାବକ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହା ମୁତାବକ ରକ୍ତ ନମୁନା ଓ ସିକଲିନ ପ୍ରମାଣପତ୍ର କେବଳ ସରକାରୀ ଡାକ୍ତରଖାନାରେ ଗ୍ରହଣଯୋଗ୍ୟ ଓ ବର୍ଷେ ପୁରୁଣା ଜାତିଗତ ପ୍ରମାଣପତ୍ର ଗ୍ରହଣ ହେବ ନାହିଁ। ବୃତ୍ତି ପାଇଁ ଅଭିଭାବକଙ୍କ ଆଗତ ପ୍ରମାଣପତ୍ରକୁ ମଧ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପିଲାମାନେ ସୁବିଧା ଅନୁସାରେ ସରକାରୀ ଡାକ୍ତରଖାନା କିମ୍ବା କୌଣସି ଘରୋଇ ଚିକିତ୍ସାଳୟରୁ ଆବଶ୍ୟକିୟ ପ୍ରମାଣପତ୍ର ଆଣିଥାନ୍ତି। ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅନ୍ୟ ସ୍ଥାନର ଛାତ୍ରୀଛାତ୍ର ନାମ ଲେଖାଇ ନ ପାରିବା କୌଣସି ସରକାରୀ ନିୟମ ନ ଥିଲେ ସୁଦ୍ଧା କିଛି ଅନୁଷ୍ଠାନ ଜାଣିଶୁଣି ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ସରକାରୀ ଓ ବେସରକାରୀ ସ୍ତରରେ କରିଥିବା ନମୁନା ଯାଞ୍ଚ ଗ୍ରହଣଯୋଗ୍ୟ। ସେମିତି କୌଣସି ସରକାରୀ ନ ଥିବା ସେ କହିଛନ୍ତି। ପିଲା ଯେକୌଣସି ଅଞ୍ଚଳ ହୋଇଥିଲେ ମଧ୍ୟ କୌଣସି ସ୍କୁଲରେ ଆଡ଼ମିଶନ କରିପାରିବେ ଏଥିରେ କୋଣସି ଅସୁବିଧା ନାହିଁ। ନିୟମ ବିରୁଦ୍ଧରେ କାମ କରୁଥିବା ଶିକ୍ଷକଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସାକ୍ଷରିତ ନିର୍ଦ୍ଦେଶନାମାକୁ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ ପ୍ରଧାନଶିକ୍ଷକମାନଙ୍କୁ ପଠାଯାଇଛି। କୌଣସି ଅଭିଯୋଗ ମିଳିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

